

ଅନୁଗୋଳ ଜିଲା ଛେଣ୍ଡିପଦାର ଆଉଁଳୀ ନଦୀରୁ ପାଣି ଉଠାଇବାକୁ କାଉଡ଼ିଆମାନେ ପୂଜାର୍ଚ୍ଚନା କରୁଛନ୍ତି।

# ଶୈବପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼

ଆଠମଲ୍ଲିକ/ ବଇଣ୍ଡା/ ଛେଣ୍ଡିପଦା, ୮।୮ (ଡି.ଏନ.ଏ.)

ଶ୍ରାବଣ ମାସ ଶେଷ ସୋମବାରରେ ଆଠମଲ୍ଲିକର ଶୈବପୀଠ ଦେଉଳଝରୀରେ ହଜାର ହଜାର କାଉଡିଆଙ୍କ ସହିତ ଶୈବଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାତି ୨ଟାରୁ ମନ୍ଦିର ଖୋଲାଯାଇ ବାବା ସିଦ୍ଧେଶ୍ୱରଙ୍କ ପୂଜା ରୀତିନୀତି କରାଯାଇ ରାତି ୩ଟାରୁ ବୋଲବମ ଭକ୍ତଙ୍କ ଜଳଲାଗି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଶାସନ ତରଫରୁ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲାବେଳେ ଆଇନ ଶୃଙ୍ଖଳା ରକ୍ଷାପାଇଁ ଆଠମଲ୍ଲିକ ପୋଲିସ ନିୟୋଜିତ ହୋଇଥିଲା। ପୂଜକ ସଂଘ ସଭାପତି ଜନାର୍ଦ୍ଦନ ବଡ଼ମାଳି, ସମ୍ପାଦକ ସଞ୍ଜୟ କୁମାର ଦେହୁରୀ, ପୂର୍ବତନ ସଭାପତି ଧାର୍ମିକ ପରିଛା, ପୂଜକ ପୂର୍ଣ୍ଣଚନ୍ଦ୍ର ଦେହୁରୀ, ବୁଲୁ ଦେହୁରୀ, ତରୁଣ ବଡ଼ମାଳିଙ୍କ ସମେତ ସମସ୍ତ ପୂଜକ ଉପସ୍ଥିତ ରହି ଜଳଲାଗି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଅଞ୍ଚଳର ସମସ୍ତ ଶୈବପୀଠ ଯଥା -କନ୍ଧପଡା, ନୂଆଗାଁ, ମକୁନ୍ଦପୁର, ନୀଳକଣ୍ଠପଡା, ଲିପିଲୋଇ, ରାମେଶ୍ୱରପାଟଣା, କୁଟେଶ୍ୱର, ବଘୁଆକଟା, ମକୁନ୍ଦପୁର, ଝିମେଇଚୁଆ ଓ ଅଏଡାସ୍ଥିତ ମହାଦେବ ମନ୍ଦିରରେ ମଧ୍ୟ ଭିଡ ଲାଗିରହିଥିବା ଜଣା ପଡ଼ିଛି। ସେହିପରି କିଶୋରନଗର ବ୍ଲକ ବଇଣ୍ଡା, ଗାଁ ବଇଣ୍ଡା, ବଡ଼ହୁଲା, ହଣ୍ଡପା, ତୁରୁଡ଼ା, ସାଧୁପାଳ, ବାମୁର, କଣ୍ଟେଇକୋଲିଆ, ନାକିଚି ଆଦି ଅଞ୍ଚଳରେ ଥିବା ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଥିଲା। ବିଭିନ୍ନ ନଈ, ନାଳରୁ ମାନସିକଧାରୀ କାଉଡ଼ିଆମାନେ ପାଣି ଉଠାଇ ପାଦରେ ଚାଲି ଚାଲି ଯାଇ ପ୍ରଭୁ ମହାଦେବଙ୍କ ଠାରେ ଜଳଲାଗି କରିଥିଲେ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିରେ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକରେ ଥିବା ସମସ୍ତ ଶୈବପୀଠରେ ଭିଡ ଦେଖିବାକୁ ମିଳିଥିଲା। ଖମାରର ବାଣେଶ୍ୱର ମନ୍ଦିର, ଝିଣ୍ଟିପାଳର ଅଷ୍ଟଶମ୍ଭୁ ମନ୍ଦିର ଓ ପୁରୁଣାଗଡର ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଲମ୍ବା ଧାଡି ଲାଗିଥିଲା। ଖମାର ବୋଲବମ କମିଟି ସଭାପତି ବେଣୁଧର ସାହୁ ଓ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଭକ୍ତ ନିକଟସ୍ଥ ଆଉଁଳୀ ନଦୀରେ ପୂଜାର୍ଚ୍ଚନା କରି ଜଳ ଉଠାଇ ବାଣେଶ୍ୱର ଶିବ ମନ୍ଦିରରେ ଜଳାଭିଷେକ କରିଥିଲେ। ଏହି ପରିପ୍ରେକ୍ଷୀରେ ନାମ ସଂକୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେତେକ ଶିବ ମନ୍ଦିରରେ ପୋଲିସ ବ୍ୟବସ୍ଥା ହୋଇଥିଲା।

## ସଂକ୍ଷେପରେ

### ସ୍ୱାସ୍ଥ୍ୟସେବା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା

ବଇଣ୍ଡା,୮।୮(ଡି.ଏନ.ଏ.)- ଅନୁଗୋଳ ଜିଲା ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ଭାବେ ଡା. ସୋନାଲି ଗଡ଼ନାୟକଙ୍କୁ ଗତ ୨ ତାରିଖଠାରୁ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ ଏହି ମେଡିକାଲରେ ନିଯୁକ୍ତି ପାଇଥିଲେ ହେଁ ଡେପୁଟେଶନରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ହଣ୍ଡପା ମେଡିକାଲକୁ ସେ ପ୍ରତ୍ୟାବର୍ତ୍ତନ କରିଥିବାରୁ ହଣ୍ଡପା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସୋମବାର ତାଙ୍କୁ ସ୍ୱାଗତ କରାଯିବା ସହ ସ୍ୱାସ୍ଥ୍ୟସେବା ନେଇ ମେଡିକାଲ ପରିସରରେ ଆଲୋଚନା କରାଯାଇଛି। ଏଥିରେ ଡାକ୍ତର ସୋନାଲି ଗଡ଼ନାୟକଙ୍କ ସହ ସରପଞ୍ଚ ରଶ୍ମିତା ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, କମ୍ପାଉଣ୍ଡର ନରେଶ ଚନ୍ଦ୍ର ମିଶ୍ରଙ୍କ ସମେତ ମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତବାସୀଙ୍କୁ କିପରି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ତାହା ଉପରେ ସରପଞ୍ଚ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସ୍ଥାୟୀ ଡାକ୍ତର ପଦବୀ ପୂରଣ ପାଇଁ ଦୀର୍ଘଦିନ ହେଲା ହଣ୍ଡପାବାସୀ ଦାବି କରି ଆସୁଥିଲେ।



# ପୋତି ହୋଇଗଲାଣି ବାଲିବନ୍ଧ ପ୍ରକଳ୍ପ

- ପୁନରୁଦ୍ଧାର କରାଯାଉ ନ ଥିବାରୁ ରହୁନି ପାଣି
- ସଫେଇ ଅଭାବରୁ କେନାଲ ଅବସ୍ଥା ଶୋଚନୀୟ
- ଜଳ ପହଞ୍ଚୁ ନ ଥିବାରୁ ପଡ଼ିଆ ପଡୁଛି ଜମି

ଛେଣ୍ଡିପଦା,୮।୮(ସ୍ୱ.ପ୍ର.)

ଲକ୍ଷ୍ୟ ଥିଲା ୭୦୦ ହେକ୍ଟର ଜମି ଜଳସେଚିତ ହେବ। ସେଥିପାଇଁ ୫୦ ବର୍ଷ ତଳେ ନିର୍ମାଣ କରାଯାଇଥିଲା ବାଲିବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ଉପକୃତ ହେଉଥିଲେ ପାଖାପାଖି ଏକ ହଜାର ଚାଷୀ। ହେଲେ ଦୀର୍ଘବର୍ଷ ହେଲା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ପ୍ରକଳ୍ପ ପୋତି ହୋଇଚାଲିଛି। ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଥିବାରୁ କେନାଲରେ ଅଧିକ ପାଣି ଚାଷ ଜମିକୁ ଯାଇପାରୁ ନାହିଁ। ସଫେଇ ଅଭାବରୁ କେନାଲ ଅବସ୍ଥା ମଧ୍ୟ ଶୋଚନୀୟ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଓ ଟାଙ୍ଗିରି ପଞ୍ଚାୟତର ବହୁ ହେକ୍ଟର ଜମି ପଡ଼ିଆ ପଡୁଛି।

ଛେଣ୍ଡିପଦା ବ୍ଲକ ବାଗଡିଆ ପଞ୍ଚାୟତର ବାଲିବନ୍ଧଠାରେ ୧୯୭୦ ମସିହାରେ ନିର୍ମାଣ କରାଯାଇଥିବା ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ବାଗଡିଆ ଓ ଟାଙ୍ଗିରି ପଞ୍ଚାୟତର ବାଗଡିଆ, ବଣିଆନଟି ଏବଂ ପୁରୁଣାଗଡ ଆଦି ଗ୍ରାମର ଏକ ହଜାର ଚାଷୀ ନିର୍ଭର କରନ୍ତି। ଏହି ଦୁଇ ପଞ୍ଚାୟତର ଚାଷ ଜମିକୁ ପାଣି ଯିବା ପାଇଁ ପ୍ରକଳ୍ପରୁ ୫ କିଲୋମିଟର କେନାଲ ବ୍ୟବସ୍ଥା ରହିଛି। କିନ୍ତୁ ପ୍ରକଳ୍ପ ଓ କେନାଲର ରକ୍ଷଣାବେକ୍ଷଣ ଦିଗରେ ଆବଶ୍ୟକ ଦୃଷ୍ଟି ଦିଆଯାଉ ନାହିଁ। ସଫେଇ ଓ ମରାମତି ଅଭାବରୁ ପ୍ରକଳ୍ପ ସହ କେନାଲ ପୋତି ହେଉଛି। ପ୍ରକଳ୍ପ ଭିତରକୁ ମାଟି ଧସି ଗଦା ହୋଇଥିବା ବେଳେ କେନାଲ ଲଟା ବୁଦାରେ ପରିପୂର୍ଣ୍ଣ ହୋଇଯାଇଛି। ଏହି କାରଣରୁ କେନାଲରେ ଅଧିକ ପାଣି ଚାଷ ଜମି ନିକଟକୁ ଯାଇପାରୁ ନାହିଁ। ଫଳରେ ତଳମୁଣ୍ଡରେ ଥିବା ଚାଷ ଜମି ଜଳସେଚିତ ହୋଇପାରୁ ନାହିଁ। ଖରିଫ ଚାଷ ପାଇଁ ଆବଶ୍ୟକ ବର୍ଷା ହେଉ ନ ଥିବାରୁ ଏହି କେନାଲ ପାଣିକୁ ଚାଷୀମାନେ ଭରସା କରିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପଦକ୍ଷେପ ନ ନେବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ କେନାଲର ମରାମତି କାର୍ଯ୍ୟ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ ବିଶ୍ୱାଳ କହିଛନ୍ତି, ଉକ୍ତ ପ୍ରକଳ୍ପ କାମ ଏକ ଠିକା ସଂସ୍ଥାକୁ ଦିଆଯାଇଥିଲା। କିନ୍ତୁ ଠିକା ସଂସ୍ଥା କାମ ନ କରିବାରୁ ତାହା ପଡିରହିଛି। ଖୁବ୍‌ଶୀଘ୍ର ପ୍ରକଳ୍ପର କେନାଲ ସଫେଇ କରାଯାଇ ଚାଷ ଜମି ନିକଟରେ କିପରି ପାଣି ପହଞ୍ଚାଯିବ ସେ ନେଇ ପଦକ୍ଷେପ ନିଆଯିବ।



ପୋତି ହୋଇପଡ଼ିଥିବା ଜଳସେଚନ ପ୍ରକଳ୍ପ।

### ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି



“କ୍ଷୁଦ୍ର ଜଳସେଚନ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଚାଷ ଜମିକୁ କେନାଲ ପାଣି ମାଡିପାରୁ ନାହିଁ। ପୁରଣାଗଡ ଗ୍ରାମବାସୀଙ୍କ ପକ୍ଷରୁ ଏ ନେଇ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ତାହାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅଗଷ୍ଟ ମାସରେ ମଧ୍ୟ କେନାଲରେ ପାଣି ଆସିପାରୁ ନାହିଁ।

-ରୋହିତ କୁମାର ସାହୁ, ପୁରୁଣାଗଡ ଗ୍ରାମ ସଭାପତି

### ବର୍ଷକୁ ୨ ଥର ଚାଷ ହୋଇପାରିବ



“୧୯୭୦ ମସିହାର ଏହି ପ୍ରକଳ୍ପଟି ପୋତି ହୋଇଗଲାଣି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି ସହ ରକ୍ଷଣାବେକ୍ଷଣ କରାଗଲେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇପାରିବେ। ଏହି ପ୍ରକଳ୍ପର ପାଣି ଯୋଗୁ ଚାଷୀମାନେ ବର୍ଷକୁ ୨ଥର ଚାଷ କାର୍ଯ୍ୟ କରିପାରିବେ। ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଚାଷୀମାନେ ଉପକୃତ ହୋଇପାରନ୍ତେ।

-ରୋହିତ କୁମାର ସାହୁ , କୃଷି ସଚେତକ

### ସ୍ଲୁଇସ୍ ଗେଟ୍ ଅଚଳ ହୋଇପଡ଼ିଛି



“ଏହି ପ୍ରକଳ୍ପକୁ ନେଇ ଚାଷୀମାନଙ୍କ ମଧ୍ୟରେ ଦୀର୍ଘଦିନ ହେବ ଅସନ୍ତୋଷ ଦେଖାଦେଇଛି। ପ୍ରକଳ୍ପର ସ୍ଲୁଇସ୍ ଗେଟଗୁଡିକ ଅଚଳ ହୋଇପଡିଛି। ପ୍ରତ୍ୟେକ ବର୍ଷ କେନାଲରେ ଘାଇ ମଧ୍ୟ ହେଉଛି। ଠିକ୍‌ଭାବେ ମରାମତି କରାଯାଉ ନ ଥିବାରୁ ୨ ପଞ୍ଚାୟତର ଚାଷୀ ପାଣି ମଡ଼ାଇ ନ ପାରି ହଇରାଣ ହେଉଛନ୍ତି।

-କୁମୁଦ ଚନ୍ଦ୍ର ସାହୁ , ଚାଷୀ, ପୁରଣାଗଡ

### ନୂତନ ରାଜସ୍ୱ କାର୍ଯ୍ୟାଳୟ ସହ ସଂଲଗ୍ନ ନ କରିବାକୁ ଦାବି

ଛେଣ୍ଡିପଦା,୮।୮(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଟେଣ୍ଟୁଲୋଇ, ଟେଣ୍ଟୁଲୋଇକୋଡାସାହି ଓ ଟେଣ୍ଟୁଲୋଇ ଗୋପୀନାଥପୁର ମୌଜାବାସୀ ନୂତନ ରାଜସ୍ୱ କାର୍ଯ୍ୟାଳୟ ସହ ସଂଲଗ୍ନ ନ ହେବାକୁ ଦାବି କରିଛନ୍ତି। ଏ ନେଇ ସେମାନେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁର, ଅନୁଗୋଳ ଜିଲାପାଳ, ସମ୍ବଲପୁର ଏମ୍‌ପି, ଛେଣ୍ଡିପଦା ବିଧାୟକ ଓ ଛେଣ୍ଡିପଦା ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୋଦ ଦେହୁରୀ, ଗୁଣ୍ଡିଚା ସାହୁ, ବସନ୍ତ କୁମାର ସାହୁ, କୁନୁ ସାହୁଙ୍କ ନେତୃତ୍ୱରେ ୩ ରାଜସ୍ୱ ମୌଜାର ସମସ୍ତ ଜନସାଧାରଣଙ୍କ ସ୍ୱାକ୍ଷର ଉକ୍ତ ଦାବିପତ୍ରରେ ରହିଛି। ଏଥିରେ ଦର୍ଶାଯାଇଛି, ଉକ୍ତ ୩ ମୌଜା ଛେଣ୍ଡିପଦା ରାଜସ୍ୱ ସର୍କଲରେ ଥିଲେ। ଏହି ସର୍କଲରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟ ହେଉଥିବାରୁ ଜମିଜମା ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ କରିବାକୁ ସୁବିଧା ହେଉଥିଲା। ହେଲେ ଏବେ ଉକ୍ତ ୩ ମୌଜାକୁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବାଲିପଙ୍ଗା ସହ ସଂଲଗ୍ନ କରାଯାଇଥିବା ଜାଣିବାକୁ ମିଳିଛି। ଏହାକୁ ନେଇ ମୌଜାର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନୂତନ କାର୍ଯ୍ୟାଳୟ ସହିତ ଏହି ମୌଜାଗୁଡିକ ସଂଲଗ୍ନ କରାଗଲେ ୬ଶହ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ହଇରାଣ ହରକତ ହେବେ ବୋଲି ସମ୍ପୃକ୍ତ ମୌଜାବାସୀ ଅଭିଯୋଗ କରିଛନ୍ତି। ତେଣୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଉକ୍ତ ରାଜସ୍ୱ ମୌଜାଗୁଡ଼ିକ ଛେଣ୍ଡିପଦା ରାଜସ୍ୱ ସର୍କଲ ସହ ପୂର୍ବବତ୍ ରହିବାକୁ ସେମାନେ ଦାବି କରିଛନ୍ତି।

# ୧୩୨ ଅଭିଯୋଗ ଶୁଣାଣି

ଛେଣ୍ଡିପଦା,୮।୮(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୩୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଉପଜିଲାପାଳ ବୈଦୁରା ଦୀପ, ରାଜସ୍ୱ ବିଭାଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଉପସ୍ଥିତ ଥିଲେ। ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ଲକର ୩୪ଟି ପଞ୍ଚାୟତରୁ ୧୩୨ଟି ଅଭିଯୋଗ ଶିବିରକୁ ଆସିଥିଲା। ଏସବୁ ସମସ୍ୟାର ସମାଧାନ ପାଇଁ ମଞ୍ଚାସୀନ ଅଧିକାରୀମାନେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ବନବିଭାଗ, ବିଦ୍ୟୁତ୍ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଧିକାରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ସମାଜ ମଙ୍ଗଳ, ପୂର୍ତ୍ତ, ଗ୍ରାମ୍ୟ ଜଳ ଯୋଗାଣ, କୃଷି ଓ ଉଦ୍ୟାନ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ପ୍ରଶାସନ ସହ ବୈଠକ ବିଫଳ

- ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ବଢୁଛି ଅସନ୍ତୋଷ
- ହୋହଲ୍ଲା କରି ଉଠି ଆସିଲେ ଠେଲକନାଳୀ ନେତୃବୃନ୍ଦ
- ଆନ୍ଦୋଳନ କରିବାକୁ ଦେଲେ ଚେତାବନୀ

ବଇଣ୍ଡା,୮।୮(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଚାଲିଥିବା ଠେଲକନାଳୀ ପଞ୍ଚାୟତର ଅସ୍ଥାୟୀ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ଦେଖାଦେଇଥିବା ବିବାଦ ବଢ଼ିବାରେ ଲାଗିଛି। ଏ ନେଇ ସୋମବାର ପ୍ରଶାସନ ସହ ଠେଲକନାଳୀ ନେତୃବୃନ୍ଦଙ୍କ ବୈଠକ ବିଫଳ ହୋଇଛି। ବ୍ଲକ ସଭାଗୃହ ପରିସରରେ ବସିଥିବା ଏହି ବୈଠକରେ ପଞ୍ଚାୟତବାସୀ, ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ହେଁ ସମାଧାନ ପନ୍ଥା ବାହାରିପାରି ନ ଥିଲା। ଫଳରେ ଅସନ୍ତୋଷ ବ୍ୟକ୍ତ କରି ଠେଲକନାଳୀ ପଞ୍ଚାୟତର ନେତୃବୃନ୍ଦ ବାହାରକୁ ଚାଲିଆସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଏ ନେଇ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

ପ୍ରକାଶ ଯେ, ୨୦୧୬ - ୧୭ ମସିହାରେ ଠେଲକନାଳୀ ପଞ୍ଚାୟତ ନୂତନ ଭାବେ ଗଠନ ହୋଇଥିଲା। ହେଲେ ଠେଲକନାଳୀଠାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପରିବର୍ତ୍ତେ ୬ କି.ମି. ଦୂର ବିଶିପାଲି ଗ୍ରାମର ଏକ ଜଙ୍ଗଲିଆ ସ୍ଥାନରେ ଏହା ତିଆରି କରାଯାଉଥିଲା। ଏହାକୁ ବିରୋଧ କରି ୨୦୧୮ରେ ଠେଲକନାଳୀ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଉକ୍ତ ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଜାରି କରାଯାଇଥିଲା। ଫଳରେ ଠେଲକନାଳୀ ପଞ୍ଚାୟତ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ନାକିଚିସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଚାଲୁ ରହିଥିଲା। କିନ୍ତୁ ଗତ ୩୧ ତାରିଖ ରାତିରେ ଉକ୍ତ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରୁ ସମସ୍ତ ଆସବାବପତ୍ର, ବେଞ୍ଚ, ଡେକ୍ସ ଆଦିକୁ ବିଶିପାଲି ଗ୍ରାମରେ ଥିବା ଏକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାର ପ୍ରତିବାଦ କରି ଠେଲକନାଳୀ ଗ୍ରାମବାସୀ ଗତ ୧ ତାରିଖରେ ବ୍ଲକ ଓ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ୟାର ସମାଧାନ ପାଇଁ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ସଭାଗୃହଠାରେ ଏକ ବୈଠକ କରାଯାଇଥିଲା। ଏଥିରେ ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ଜିପିଓ ଶରତ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ସରପଞ୍ଚ ଅମିତ ସାହୁ, ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ଠେଲକନାଳୀ ଗ୍ରାମ ସଭାପତି ଦିଲୀପ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ବସଲା, ବୀରଞ୍ଚି ସାହୁ, ବୀରେନ୍ଦ୍ର ପ୍ରଧାନ, ଉମାକାନ୍ତ ସାହୁ, ରମାକାନ୍ତ ସାହୁ, ଉପେନ୍ଦ୍ର ସାହୁ , ବିଶିକେଶନ ବେହେରା, ଭଗବାନ ପେଣ୍ଟେଇ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରି ହୋହଲ୍ଲା କରିଥିଲେ। ପରେ ଅଞ୍ଚଳବାସୀ ବାହାରକୁ ଆସି ସ୍ଥାନାନ୍ତରଣକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି, ନାକିଚି ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ହେଉଥିବା ଠେଲକନାଳୀ ପଞ୍ଚାୟତ କାର୍ଯ୍ୟାଳୟ ଯୋଗୁ ନାକିଚି ପଞ୍ଚାୟତର କାର୍ଯ୍ୟ ପାଇଁ ଗୃହ ଅଭାବ ଦେଖାଦେଉଛି। ତେଣୁ ଏହି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବିଶିପାଲିରେ ଏହି କାର୍ଯ୍ୟାଳୟ ହେଲେ ୫ ଗ୍ରାମବାସୀଙ୍କୁ ସୁବିଧା ମିଳିବ।



ବ୍ଲକ କାର୍ଯ୍ୟାଳୟ ବାହାରେ ଏକତ୍ର ହୋଇଥିବା ଠେଲକନାଳୀବାସୀ।



କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ସହର ନିକଟରେ ହେଭି ଯନ୍ତ୍ରାଂଶ ନେଇ ଯାଉଥିବା ଏକ ଭାରିଯାନ ଅଟକି ରହିଛି।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ

## ନାବାଳିକାଙ୍କ ହତ୍ୟା ମାମଲା

ଢେଙ୍କାନାଳ ଅଫିସ,୮।୮

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୦ ମସିହାରେ ଅସଦାଚରଣ ଉଦ୍ୟମ କରି ବିଫଳ ହେବାପରେ ଅଭିଯୁକ୍ତ ଜଗନ ଜେନା ତଣ୍ଟିଚିପି ହତ୍ୟା କରିଥିଲେ। ଏହି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଢେଙ୍କାନାଳ ଆଡହକ ଆଡିସିନାଲ ସେସନ୍ସ ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ବିଚାରପତି ଡ. ସୂର୍ଯ୍ୟମଣି ମହାପାତ୍ର ଏହି ମାମଲାର ବିଚାରକରି ଅଭିଯୁକ୍ତ ଜଗନ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ସମ୍ପୃକ୍ତା ନାବାଳିକାଙ୍କ ମା, ବାପା ବାହାରକୁ କାମ ପାଇଁ ଯାଇଥିଲେ। ନାବାଳିକା ଏକୁଟିଆ ଥିବା ଦେଖି ଅଭିଯୁକ୍ତ ଜଗନ ଜେନା ତାଙ୍କ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହେବାରୁ ରାଗରେ ତାଙ୍କ ତଣ୍ଟିଚିପି ହତ୍ୟା କରିବା ପରେ ମୃତଦେହକୁ ଧୋତିରେ ବାନ୍ଧି ଉକ୍ତ ଆଜବେଷ୍ଟସ ଘରେ ଥିବା ଏକ ଲୁହା ପାଇପରେ ଝୁଲାଇ ଦେଇଥିଲେ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ମୋଟଙ୍ଗା ଥାନାରେ ଅଭିଯୋଗ ହେବାପରେ ସେହି ସମୟରେ ଥାନାରେ ନଂ. ୨୨୭।୨୦ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଜଗନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ସିଟି ସ୍ପେଶାଲ(ପୋକ୍ସୋ) କେସ୍ ନଂ-୨।୨୧ର ବିଚାର କରି ଆଡହକ ଆଡିସିନାଲ ସେସନ୍ସ ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟର ବିଚାରପତି ଡ. ସୂର୍ଯ୍ୟମଣି ମହାପାତ୍ର ଅଭିଯୁକ୍ତ ଜଗନ ଜେନାଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ସଶ୍ରମ କାରଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପୋକ୍ସୋ) ଦିଲୀପ କୁମାର ମଲ୍ଲିକ ପରିଚାଳନା କରିଥିଲେ।

# ରାଜତରଙ୍ଗିଣୀ ଟପ୍ପର, ଦ୍ୱିତୀୟରେ ଶୁଭଲକ୍ଷ୍ମୀ

## ଢେଙ୍କାନାଳ ଜୁନିୟର କଲେଜ ଯୁକ୍ତ୨ କଳା ଫଳ

ଢେଙ୍କାନାଳ ଅଫିସ,୮।୮



ଟପ୍ପର ହୋଇଥିବା ରାଜ ତରଙ୍ଗିଣୀ।



ଦ୍ୱିତୀୟସ୍ଥାନରେ ଥିବା ଶୁଭଲକ୍ଷ୍ମୀ ସାହୁ

ଢେଙ୍କାନାଳ ସରକାରୀ ଜୁନିୟର କଲେଜ ଯୁକ୍ତ୨ କଳା ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଚଳିତବର୍ଷ କଲେଜର ପାସହାର ୯୧.୪୯ ପ୍ରତିଶତ ହୋଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଛାତ୍ରୀମାନେ ରହିଛନ୍ତି। ଚଳିତବର୍ଷ କଲେଜର ୨୪୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୫ଜଣ ପ୍ରଥମ ଶ୍ରେଣୀରେ, ୪୮ ଦ୍ୱିତୀୟ ଶ୍ରେଣୀରେ ଓ ୫୩ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ରାଜ ତରଙ୍ଗିଣୀ ପଣ୍ଡା ମୋଟ ୬୦୦ରୁ ୫୫୨ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ୫୨୮ନମ୍ବର ରଖି ଦ୍ୱିତୀୟ ଓ କ୍ଷମାମୟୀ ୫୨୭ନଂ ରଖି ତୃତୀୟ ସ୍ଥାନରେ ରହିଛନ୍ତି। କଲେଜର ଟପ୍ପର ହୋଇଥିବା ଛାତ୍ରୀ ରାଜ ତରଙ୍ଗିଣୀ କୁହନ୍ତି ଯେ, ସେ ୯୦ ପ୍ରତିଶତ ଆଶା କରିଥିବା ବେଳେ ୯୨ ପ୍ରତିଶତ ନମ୍ବର ପାଇଛନ୍ତି। ସାଇକୋଲୋଜି ତାଙ୍କର ପ୍ରିୟ ବିଷୟ। ଭବିଷ୍ୟତରେ ସେ ଜଣେ ଶିକ୍ଷା ଅଧିକାରୀ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ରାଜ ତରଙ୍ଗିଣୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରକାଶଚନ୍ଦ୍ର ପଣ୍ଡାଙ୍କ କନ୍ୟା। ସେହିପରି ଦ୍ୱିତୀୟ ସ୍ଥାନରେ ରହିଥିବା ଶୁଭଲକ୍ଷ୍ମୀ ଗଁଦିଆ ବ୍ଲକ ବରଦା ଗ୍ରାମର ହରିହର ସାହୁଙ୍କ କନ୍ୟା ହୋଇଥିବା ବେଳେ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ଷମାମୟୀ ବେହେରା ଗଁଦିଆ ବ୍ଲକ ପିଙ୍ଗୁଆ ଗ୍ରାମର ଯୁଗଳ କିଶୋର ବେହେରାଙ୍କ କନ୍ୟା ବୋଲି ଜଣାପଡ଼ିଛି।

## ପାସ୍‌ହାର ୯୨.୭୨%, ଭୁବନେଶ୍ୱରୀ ଟପ୍ପର

### ମହିଳା ସରକାରୀ ଜୁନିୟର କଲେଜ

ଢେଙ୍କାନାଳ ଅଫିସ,୮।୮



କଳାରେ ଟପ୍ପର ଭୁବନେଶ୍ୱରୀ ଦେହୁରୀ।

ଢେଙ୍କାନାଳ ଜୁନିୟର ସରକାରୀ ମହିଳା ମହାବିଦ୍ୟାଳୟର ଚଳିତବର୍ଷ ଯୁକ୍ତ୨ କଳା ପରୀକ୍ଷାରେ ପାସହାର ୯୨.୭୨ ପ୍ରତିଶତ ହୋଇଛି। ଛାତ୍ରୀ ଭୁବନେଶ୍ୱରୀ ଦେହୁରୀ ମୋଟ ୬୦୦ରୁ ୫୫୪ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଚଳିତବର୍ଷ ୧୨୨ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୯୨ଜଣ ପ୍ରଥମ ଶ୍ରେଣୀ, ୧୯ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪ଜଣ ଫେଲ ହୋଇଛନ୍ତି। କଲେଜ ଟପ୍ପର ହୋଇଥିବା ଛାତ୍ରୀ ଭୁବନେଶ୍ୱରୀ କୁହନ୍ତି, ରାଜନୀତି ବିଜ୍ଞାନ ତାଙ୍କର ପ୍ରିୟ ବିଷୟ। ଭବିଷ୍ୟତରେ ସେ ଜଣେ ଆଇଏଏସ୍ ଅଫିସର ହେବାର ଲକ୍ଷ୍ୟ ରଖିଛନ୍ତି।

# ମଠକରଗୋଳା କଲେଜକୁ ସଫଳତା

କାମାକ୍ଷାନଗର,୮।୮(ଡି.ଏନ.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତ ୨ କଳା ଏବଂ ଧନ୍ଦାମୂଳକ ଶିକ୍ଷାରେ ମଠକରଗୋଳା ମହାବିଦ୍ୟାଳୟର ପରୀକ୍ଷାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କଳା ବିଭାଗରେ ମୋଟ୍ ୨୧୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୪ ଜଣ ପ୍ରଥମ ଶ୍ରେଣୀ, ୫୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୮ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୧୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୦୬ ଜଣ ପ୍ରଥମ ଶ୍ରେଣୀରେ ଓ ୦୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହାର ସମସ୍ତ ଶ୍ରେୟ ଛାତ୍ରୀଛାତ୍ର ତଥା ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କୁ ଦେବା ସହ ଅଧ୍ୟକ୍ଷ ଚିତ୍ତ ରଞ୍ଜନ ଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯୁକ୍ତ ୨ କଳାରେ ଚିନ୍ମୟ ମଲ୍ଲିକ ସର୍ବାଧିକ ୫୧୯ ନମ୍ବର ରଖିଥିବାବେଳେ ଧନ୍ଦାମୂଳକ ଶିକ୍ଷାରେ ଇନ୍ଦିରା ନାୟକ ସର୍ବାଧିକ ୩୯୦ ନମ୍ବର ରଖିଛନ୍ତି।



କଲେଜର ଅଧ୍ୟକ୍ଷ, ଅଧ୍ୟାପିକା ଏବଂ ଅଧ୍ୟାପକମାନେ।

# ସଂଶୋଧନ, ତାଲିମ ପ୍ରଦାନ ବୈଠକ

କାମାକ୍ଷାନଗର,୮।୮(ଡି.ଏନ.ଏ.)

କାମାକ୍ଷାନଗର ବ୍ଲକ ସଭାଗୃହଠାରେ ଭୋଟର ତାଲିକା ସଂଶୋଧନ ଓ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୧୫ଟି ବୁଥ୍‌ର ଅଧିକାରୀ ଓ ୧୦ ଜଣ ସୁପରଭାଇଜର ଉପସ୍ଥିତ ରହି ତାଲିମ ନେଇଥିଲେ। କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟ ତରଫରୁ ଏଥିରେ ପରିବର୍ତ୍ତନ କରାଯାଇ ଭୋଟର ତାଲିକା ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୧ରୁ ଏହା କାର୍ଯ୍ୟକାରୀ ହୋଇଛି। କୌଣସି ବ୍ୟକ୍ତି ନାମ ପଞ୍ଜୀକରଣ କରିବାକୁ ହେଲେ ଏଣିକି ଗୋଟିଏ ନୁହେଁ, ୪ଟି ତାରିଖ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ରେ କରିପାରିବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ ମହାନ୍ତି, ସହକାରୀ ଜିଲାପାଳ ଚିନ୍ମୟ ଦାଶ, ବ୍ଲକ ପ୍ରଗତି ସହାୟକ ଶତ୍ରୁଘ୍ନ ଦଣ୍ଡପାଟ, ବ୍ଲକ କମ୍ପ୍ୟୁଟର ପୋଗ୍ରାମର ଗଡନାୟକ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# କୃତୀ ପ୍ରତିଯୋଗୀ, ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ,୮।୮

ଢେଙ୍କାନାଳ ସହର ଦେଉଳସାହିସ୍ଥିତ ଆଶୀର୍ବାଦ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରାଇଜ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଶନିବାର ପୁରୁଣା ଜିଲା ପରିଷଦ ହଲଠାରେ ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସାଗରିକା ମିଶ୍ର, ଶ୍ରେୟା ଅନୁଷ୍ଠାନର ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣା, ରାଇଜ ଅନୁଷ୍ଠାନ ସମ୍ପାଦକ ସତ୍ୟ ରଞ୍ଜନ ବିଶ୍ୱାଳ ଓ ଆଶୀର୍ବାଦ ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପାଣି ସଂଯୋଜନା କରିଥିଲେ। ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମହିଳାମାନଙ୍କ ମଧ୍ୟରେ ଏକ ହୁଳହୁଳି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନଗରପାଳ ଜୟନ୍ତୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ବିଶିଷ୍ଟ ଶିଳ୍ପପତି ବରଦା ପ୍ରସନ୍ନ ନନ୍ଦ, ଆଶୀର୍ବାଦ ଅନୁଷ୍ଠାନର ଚେୟାରମ୍ୟାନ ସାଇ ଆହ୍ଲାଦିନୀ ପୃଷ୍ଟି, ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ାପଡ଼ା ବ୍ଲକ ଚେୟାରମ୍ୟାନ ସସ୍ମିତା ମହାନ୍ତିଙ୍କୁ ସଫଳ ତଥା ଆଦର୍ଶ ନାରୀନେତ୍ରୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାସ୍ତରରେ ମାଟ୍ରିକ ପରୀକ୍ଷାରେ ୫୮୭ (୯୭%) ମାର୍କ ରଖି ପ୍ରଥମ ଓ ରାଜ୍ୟସ୍ତରରେ ୫ମ ସ୍ଥାନ ଅଧିକାର କରିଥିବା ଶ୍ରୀମାନ ଓମ ପ୍ରକାଶ ସାହୁଙ୍କୁ ମାନପତ୍ର ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନ ଆର୍ଟ ପାଇଁ ବିଜୟ କୁମାର ସ୍ୱାଇଁ, ପ୍ରବଚକ ଅବନୀ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଶ୍ରୀ ରାମେଶ୍ୱରୀ ପଟ୍ଟନାୟକ ସଂଯୋଜନା କରିଥିଲେ। ରାଇଜ ଅନୁଷ୍ଠାନ ସମ୍ପାଦକ ସତ୍ୟ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

# ୩ ଗିରଫ, ଲାଇଟର ଗନ ଜବତ

## ବ୍ୟବସାୟୀଙ୍କ ଠାରୁ ଲୁଟ୍ ମାମଲା

ଢେଙ୍କାନାଳ ଅଫିସ,୮।୮

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାଉଁଶପୋଖରୀ ଅଞ୍ଚଳର ବ୍ୟବସାୟୀ ସତ୍ୟଚନ୍ଦ୍ର ପ୍ରସାଦଙ୍କ ଠାରୁ ଗତ ୩୧ ମେ ରାତିରେ କେତେଜଣ ଦୁର୍ବୃତ୍ତ ଦୋକାନ ସାମଗ୍ରୀ ସହିତ ୧୪ ହଜାର ୧୬୦ଟଙ୍କା ଓ ୨ଟି ମୋବାଇଲ ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ସତ୍ୟଚନ୍ଦ୍ର ପ୍ରସାଦ ହିନ୍ଦୋଳ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ-୯୪।୨୨ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗତ ରବିବାର ଗିରଫ କରିବା ସହ କୋର୍ଟଚାଲାଣ କରିଥିଲେ। ଅଭିଯୁକ୍ତମାନଙ୍କ ଠାରୁ ୨ଟି ମୋବାଇଲ, ଗୋଟିଏ ପାୱାର ବ୍ୟାଙ୍କ, ନଗଦ ୩,୮୦୦ ଟଙ୍କା, ଗୋଟିଏ ଲାଇଟର ଗନ ଓ ୨ଟି ବାଇକ୍ ଜବତ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।



ଲୁଟ୍ ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରାଇଛି।

# ସ୍କୁଲ, କଲେଜ ପିଲାଙ୍କୁ ଟିକାରେ ଅଗ୍ରାଧିକାର ଦିଅ

## କୋଭିଡ୍ ପରିଚାଳନା ଓ ସମୀକ୍ଷା

ଢେଙ୍କାନାଳ ଅଫିସ,୮।୮





କୋଭିଡ ପରିଚାଳନା ଓ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲରେ ସୋମବାର ଅପରାହ୍ନରେ ଜିଲାର କୋଭିଡ୍ ପରିଚାଳନା ଓ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ଜିଲାରେ କୋଭିଡ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତ ଫ୍ରଣ୍ଟ ଲାଇନ ୱାର୍କରଙ୍କ ସମେତ ସ୍କୁଲ, କଲେଜ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ ବ୍ୟବସ୍ଥା କରିବାକୁ ଉପଜିଲାପାଳ, ସ୍ୱାସ୍ଥ୍ୟ ଅଧିକାରୀ ଓ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ନିୟମ ଅନୁପାଳନ ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ସହିତ ଟେଷ୍ଟିଂ ଓ ସମସ୍ତଙ୍କ ଟିକାକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିୟମିତ ବର୍ଷା ହେଉଥିବାରୁ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କଲେରା ଓ ଡାଇରିଆ ପ୍ରତିଷେଧକ ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ଅତିରିକ୍ତ ଜିଲା ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିନିମନ୍ତେ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର ଓ ବିଡିଓମାନେ ସତର୍କ ରହିବାକୁ କୁହାଯାଇଥିଲା। ସମସ୍ତ ନଳକୂଅ ଓ ଖୋଲା କୂଅରେ ନିଶ୍ଚିତ ଭାବେ ବ୍ଲିଚିଂ ପାଉଡର ପକାଇ ବିଶୋଧନର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କପିଳାସ ପୀଠ ଓ ସଲଗ୍ନ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଗଁଦିଆ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ(ସାଧାରଣ), ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର, ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ତହସିଲଦାର ଅନୁପମା ମୁର୍ମୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଓସ୍‌ମା ଡିଆରଆର କନସଲଟାଣ୍ଟ ସଙ୍ଗୀତା ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ମଙ୍ଗଳବାର, ୯ ଅଗଷ୍ଟ, ୨୦୨୨

**ବୋଲବମ ଭକ୍ତଙ୍କ ମୃତ୍ୟୁ**

ଛେଣ୍ଡିପଦା,୮।୮(ସ୍ୱ.ପ୍ର): ଛେଣ୍ଡିପଦା ବ୍ଲକ ମାରୁଢିପ ଗ୍ରାମର ଜଣେ ବୋଲବମ ଭକ୍ତ ନାକିଟିଦେଉଳ ଥାନା ବାଟ ଗାଁ ନିକଟସ୍ଥ କୁଞ୍ଜାମରା ମନ୍ଦିରକୁ ଜଳାଭିଷେକ କରିବାକୁ ଯାଇଥିବାବେଳେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ଛେଣ୍ଡିପଦା ଥାନା କଣଲୋଇ ପଞ୍ଚାୟତ ମାରୁଢିପ ଗ୍ରାମର ଦିଗାମ୍ବର ମାଝୀ। ଛେଣ୍ଡିପଦା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ପୋଲିସ ପ୍ରକାଶ କରିଛି।




ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକସ୍ଥିତ ଡେରଜାଙ୍ଗ ଡ୍ୟାମ୍‌ରେ ବୁଡ଼ି ନିଖୋଜ ହୋଇଯାଇଥିବା ଯୁବ ଇଞ୍ଜିନିୟରଙ୍କୁ ଖୋଜାଚାଲିଛି।


ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ମ୍ୟାଚ୍ ଖେଳାଯାଉଛି।

## ସଂକ୍ଷେପରେ

### ଡେରଜାଙ୍ଗରେ ଯୁବ ଇଞ୍ଜିନିୟର ନିଖୋଜ ଘଟଣା
### ୨୪ ଘଣ୍ଟା ପରେ ବି ପତ୍ତା ମିଳିନି

ଅନୁଗୋଳ ଅଫିସ, ୮।୮: ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକସ୍ଥିତ ଡେରଜାଙ୍ଗ ଡ୍ୟାମ୍‌ରେ ରବିବାର ସନ୍ଧ୍ୟାରେ ଜଣେ ଯୁବ ଇଞ୍ଜିନିୟର ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ତେବେ ଘଟଣାର ୨୪ ଘଣ୍ଟା ପରେ ମଧ ତାଙ୍କୁ ଠାବ କରାଯାଇପାରି ନାହିଁ। ପାଣିରେ ଅନୁଗୋଳ ଅଗ୍ନିଶମ ବିଭାଗ, ଢେଙ୍କାନାଳର ଓଡ୍ରାଫ୍ଟ ଟିମ୍ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଖୋଜାଖୋଜି ଚାଲିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିନାହିଁ। ଘଟଣାସ୍ଥଳରେ ଅନୁଗୋଳ ଉପଜିଲାପାଳ ବାଇତୁରା ଦୀପ, ଜରୁରୀକାଳୀନ ଅଧିକାରୀ ରତନ ଆଚାର୍ଯ୍ୟ, ବଣ୍ଟଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ, ଅନୁଗୋଳ ସଦର ଥାନା ଓ ଜରପଡ଼ା ଥାନାର ପୋଲିସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନିଖୋଜ ଥିବା ଯୁବକ ଜଣଙ୍କ ବିଭାଂଶୁ ହୋତା(୨୮)। ସେ ବାଙ୍ଗାଲୋରର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। କିଛି ଦିନ ହେବ ଘରେ ରହି ୱାର୍କ ଫ୍ରମ ହୋମ୍ କରୁଥିଲେ। ସେ ତାଙ୍କର ୩ ଜଣ ସାଙ୍ଗଙ୍କ ସହ ନାଲକୋସ୍ଥିତ ଘରୁ ବାହାରି ଅନୁଗୋଳ ଆସିଥିଲେ। ତେବେ ଡେରଜାଙ୍ଗ ଡ୍ୟାମ୍‌କୁ ସାଙ୍ଗଙ୍କ ସହ ଯାଇ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ।

### ଚୋରି ଅଭିଯୋଗରେ ୨ ଗିରଫ

ଅନୁଗୋଳ ଅଫିସ, ୮।୮- ଅନୁଗୋଳ ହେମସୁରପଡ଼ା ଅଞ୍ଚଳରେ ରହୁଥିବା ସଦାମ୍ ସେକ୍‌ଙ୍କ ଘରୁ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ସେକ୍‌ଙ୍କ ଅଭିଯୋଗ ମୁତାବକ ନଂ. ୪୨୬/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଶୁକୁଆସାହିର ସେକ୍ ମୋନା(୨୫) ଓ ରାଜକିଶୋରପଡ଼ାର ସେକ୍ ଆବିଦ୍(୨୪)ଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ସଦାମ୍ ସେକ୍ ହେମସୁରପଡ଼ା ଅଞ୍ଚଳରେ ରହି ବ୍ୟବସାୟ କରନ୍ତି। ରବିବାର ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ମୋନା ଓ ଆବିଦ୍ ମୋବାଇଲ ଚୋରି କରିଥିଲେ ବୋଲି ସଦାମ ଅଭିଯୋଗରେ ଦର୍ଶାଇଥିଲେ।

# ଅନୁଗୋଳ ଜିଲାରେ ପାସ୍ ହାର ୮୨.୭ %

**ପ୍ରଥମ ଡିଭିଜନ୍‌ରେ ୧୩୦୩, ଫେଲ୍ ହେଲେ ୮୫୯ ଜଣ**

ଅନୁଗୋଳ ଅଫିସ, ୮।୮

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଅନୁଗୋଳ ଜିଲାରେ ପାସ୍ ହାର ୮୨.୭ ପ୍ରତିଶତ ରହିଛି। ତେବେ ଜିଲାରେ ମୋଟ ୫୨୧୫ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୫୦୬୫ ଜଣ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୦୩ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୯୭୬ ଜଣ ଓ ତୃତୀୟ ଶ୍ରେଣୀରେ ୧୯୦୯ ଜଣ ପାସ୍ କରିଛନ୍ତି। ଜଣେ ପରୀକ୍ଷାର୍ଥୀ କମ୍ପଲିମେଣ୍ଟାରିରେ ରହିଥିବା ପରୀକ୍ଷାଫଳରୁ ଜଣାପଡ଼ିଛି। ସେହିଭଳି ମୋଟ ୮୫୯ ଜଣ ପରୀକ୍ଷାର୍ଥୀ ଚଳିତବର୍ଷ ପରୀକ୍ଷାରେ ଫେଲ ହୋଇଛନ୍ତି। ତେବେ ଜଣଙ୍କର ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାବେଳେ ୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିଲେ। ତେଣୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ ପାଇନାହିଁ।

## ଜୁନିୟର ମହାବିଦ୍ୟାଳୟରେ ୮୭.୨୩%

ଅନୁଗୋଳ ଯୁକ୍ତ ଦୁଇ ଜୁନିୟର ମହାବିଦ୍ୟାଳୟରେ ପାସ୍ ହାର ୮୭.୨୩ ପ୍ରତିଶତ ରହିଛି। ଚଳିତବର୍ଷ ୨୩୫ ଜଣ ପରୀକ୍ଷା ଦେଇଥିବାବେଳେ ୨୮ ଜଣ ଫେଲ ହୋଇଛନ୍ତି। ତେବେ ୨ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟରେ ୧୩୮ ଜଣ ପ୍ରଥମ ଶ୍ରେଣୀରେ, ୩୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୯ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିଭଳି ଏକ୍ସ-ରେଗୁଲାରରେ ୮ ଜଣ ପରୀକ୍ଷା ଦେଇଥିବାବେଳେ ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୭ ଜଣ ଫେଲ୍ ହୋଇଛନ୍ତି। ମହାବିଦ୍ୟାଳୟର ଶୁଭମ୍ ଚନ୍ଦ୍ର ପ୍ରଧାନ ଓ ମାନସୀ ପ୍ରଧାନ ୫୩୧ ନମ୍ବର ରଖି ଯୁଗ୍ମ ଟପର୍ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ୫୨୬ ନମ୍ବର ରଖି ଜ୍ୟୋତିର୍ମୟୀ ସାହୁ ଓ ୫୨୧ ନମ୍ବର ରଖି ରାକେଶ ବେହେରା ତୃତୀୟ ସ୍ଥାନରେ ରହିଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମହିଳା ମହାବିଦ୍ୟାଳୟରେ ୮୭ %

ଅନୁଗୋଳ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟର ପାସ୍ ହାର ୮୭ ପ୍ରତିଶତ ହୋଇଛି। ଚଳିତବର୍ଷ ମହାବିଦ୍ୟାଳୟରେ ମୋଟ ୨୨୪ ଜଣ ପରୀକ୍ଷା ଦେଇଥିବାବେଳେ ୧୫ ଜଣ ଫେଲ୍ ହୋଇଛନ୍ତି। ତେବେ ୪ ଜଣ ଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଚଳିତବର୍ଷ ମହାବିଦ୍ୟାଳୟର ୧୩୩ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ୩୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୬ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ମହାବିଦ୍ୟାଳୟର ଅମ୍ରିତା ପ୍ରଧାନ ୫୧୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୫୧୧ ନମ୍ବର ରଖି ପାୟଲ ନାଏକ ଦ୍ୱିତୀୟ ଓ ୫୦୭ ନମ୍ବର ରଖି ଲିନା ମହାକୁଡ ତୃତୀୟ ସ୍ଥାନରେ ରହିଛନ୍ତି।

### ପ୍ରଶାସନିକ ଅଧିକାରୀ ହେବି



ଯୁକ୍ତ ଦୁଇ କଳାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶୁଭମ ଚନ୍ଦ୍ର ପ୍ରଧାନ । ସେ ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ତେବେ ପ୍ରଥମେ ଅର୍ଥନୀତିରେ ସ୍ନାତକ କରିବେ ବୋଲି ସେ କହିଛନ୍ତି। କଲେଜରେ ପାଠପଢ଼ା ସହ ଘରେ କରିଥିବା ପରିଶ୍ରମ ପାଇଁ ଏହି ସଫଳତା ମିଳିଛି ବୋଲି ଶୁଭମ କହିଛନ୍ତି।

-ଶୁଭମ୍ ଚନ୍ଦ୍ର ପ୍ରଧାନ, ଅନୁଗୋଳ ମହାବିଦ୍ୟାଳୟ

### ଶିକ୍ଷାଦାନ କରି ଭଲ ମଣିଷ ଗଢ଼ିବି



ଯୁକ୍ତ ଦୁଇ କଳାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟରେ ୫୨୬ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଜ୍ୟୋତିର୍ମୟୀ ସାହୁ। ସେ ଭବିଷ୍ୟତରେ ଶିକ୍ଷାଦାନ କରି ଭଲ ମଣିଷ ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ଶିକ୍ଷାକୁ ସ୍ୱତନ୍ତ୍ର ପାଠ୍ୟକ୍ରମ ରଖି ସ୍ନାତକ କରିବା ପରେ ଆଗକୁ ବଢ଼ିବେ ବୋଲି ସେ କହିଛନ୍ତି। କରୋନା ସମୟରେ ଅନ୍‌ଲାଇନ୍‌ରେ ପାଠ ପଢ଼ିବାକୁ ସମସ୍ୟା ହେଉଥିଲା। କିନ୍ତୁ କଲେଜ ଯାଇ ପଢ଼ିବା ଓ ଡାଉଟ୍ କ୍ଲିୟର ହୋଇଥିବାରୁ ପରୀକ୍ଷାରେ ଭଲ କରିଥିବା ଜ୍ୟୋତିର୍ମୟୀ ପ୍ରକାଶ କରିଛନ୍ତି।

-ଜ୍ୟୋତିର୍ମୟୀ ସାହୁ, ଅନୁଗୋଳ ମହାବିଦ୍ୟାଳୟ

### ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି କରିବି



ଯୁକ୍ତ ଦୁଇ କଳାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ଛାତ୍ର ରାକେଶ ବେହେରା ୫୨୧ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଭବିଷ୍ୟତରେ ଓଡ଼ିଆ କିମ୍ବା ରାଜନୀତି ବିଜ୍ଞାନ ସମ୍ମାନ ରଖି ସ୍ନାତକ କରିବେ। ଏହାପରେ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି କରିବେ ବୋଲି କହିଛନ୍ତି। ଶିକ୍ଷକମାନଙ୍କ ଗାଇଡ୍ ଆଉ ଆମମାନଙ୍କ ନିଷ୍ଠା, ପରିଶ୍ରମ ପାଇଁ ଭଲ ଫଳ କରିଛି। ଅନ୍‌ଲାଇନ୍ କ୍ଲାସ ପରେ କଲେଜ ଯାଇ ପଢ଼ିବାରୁ ଏହି ସଫଳତା ମିଳିଥିବା ରାକେଶ କହିଛନ୍ତି।

-ରାକେଶ ବେହେରା, ଅନୁଗୋଳ ମହାବିଦ୍ୟାଳୟ

### ଶିକ୍ଷକତା କରିବାକୁ ଇଚ୍ଛା ଅଛି

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ୫୧୨ ନମ୍ବର ରଖି ଅମ୍ରିତା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତେବେ ଭବିଷ୍ୟତରେ ସେ ଶିକ୍ଷକତା କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମେ ସ୍ନାତକ ଓ ପରେ ଶିକ୍ଷକତା ପାଇଁ ପ୍ରସ୍ତୁତି କରିବେ। କରୋନା ସମୟରେ ଅନ୍‌ଲାଇନ୍‌ରେ ପାଠପଢ଼ା ହୋଇଥିଲା। ଏହାପରେ ଅଫ୍‌ଲାଇନ୍‌ରେ ପଢ଼ା ହେବା ପରେ ଦ୍ୱନ୍ଦ ଦୂର ହୋଇଥିଲା। ଫଳରେ ସେ ମହାବିଦ୍ୟାଳୟରେ ଟପ୍ କରିଥିବା କହିଛନ୍ତି।

-ଅମ୍ରିତା ପ୍ରଧାନ, ଅନୁଗୋଳ ମହିଳା ମହାବିଦ୍ୟାଳୟ

### ସେନାରେ ଯୋଗ ଦେବାର ଲକ୍ଷ୍ୟ



ଅନୁଗୋଳ ମହାବିଦ୍ୟାଳୟରେ ୫୩୧ ନମ୍ବର ରଖି ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି ମାନସୀ ପ୍ରଧାନ। ସେ ସେନାରେ ଯୋଗ ଦେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ପ୍ରଥମେ ସେ ସ୍ନାତକ କରିବା ପରେ ସେନାରେ ଯୋଗ ଦେବାକୁ ପ୍ରସ୍ତୁତି କରିବେ। ତେବେ ଭଲ ଭାବେ ପଢ଼ିବା, ଶିକ୍ଷୟିତ୍ରୀ ଓ ଶିକ୍ଷକ ଏବଂ ଅଭିଭାବକଙ୍କ ଆଶୀର୍ବାଦ ଯୋଗୁ ସେ ଏହି ସଫଳତା ପାଇପାରିଥିବା କହିଛନ୍ତି।

-ମାନସୀ ପ୍ରଧାନ, ଅନୁଗୋଳ ମହାବିଦ୍ୟାଳୟ

## ଆଠମଲ୍ଲିକ : ୪୫୬ ଛାତ୍ରୀଛାତ୍ର ପାସ

ଆଠମଲ୍ଲିକ, ୮।୮ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକରେ ଥିବା ଆଠମଲ୍ଲିକ ମହାବିଦ୍ୟାଳୟ, ମାଧପୁର ସତ୍ୟବାଦୀ ମେହେର କଲେଜ, ଠାକୁରଗଡ଼ ଷୋଳପଦା ଯୁକ୍ତଦୁଇ କଲେଜ, ପାଇକସାହି କାଶୀବିଶ୍ୱନାଥ ଯୁକ୍ତ ୨ କଲେଜ, ଅଏଡା ପଇଞ୍ଚକୁଳ ଯୁକ୍ତଦୁଇ କଲେଜର ପରୀକ୍ଷା ଫଳ ପ୍ରକାଶ ପାଇଛି। ସମୁଦାୟ ୫୮୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୫୬ ଜଣ ପାସ କରିଥିବା ଜଣାଯାଇଛି। ସୋମବାର ପରୀକ୍ଷା ଫଳ ପ୍ରକାଶିତ ପରେ ଆଠମଲ୍ଲିକ ମହାବିଦ୍ୟାଳୟର ୧୧୮ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ଜଣ ପ୍ରଥମ ଶ୍ରେଣୀରେ, ୨୭ ଜଣ ଦ୍ୱିତୀୟ ଓ ୫୧ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ଜଣାପଡ଼ିଛି। ସେହିପରି ମାଧପୁର କଲେଜର ସମୁଦାୟ ୧୩୦ ଜଣଙ୍କ ମଧ୍ୟରୁ ୩୫ ପ୍ରଥମ, ୨୫ ଜଣ ଦ୍ୱିତୀୟ ଓ ୫୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଠାକୁରଗଡ଼ର କଲେଜରେ ସମୁଦାୟ ୧୧୪ଜଣଙ୍କ ମଧ୍ୟରୁ ୭ଜଣ ପ୍ରଥମ, ୧୧ଜଣ ଦ୍ୱିତୀୟ ଓ ୩୯ ଜଣ ତୃତୀୟ ଶ୍ରେଣୀ, ଅଏଡା କଲେଜର ସମୁଦାୟ ୧୧୩ ଜଣଙ୍କ ମଧ୍ୟରୁ ୨୯ଜଣ ପ୍ରଥମ,୧୯ ଦ୍ୱିତୀୟ ଓ ୫୫ ଜଣ ତୃତୀୟ, ପାଇକସାହି କଲେଜରେ ୧୦୮ ଜଣଙ୍କ ମଧ୍ୟରୁ ୧୨ ପ୍ରଥମ, ୨୮ ଦ୍ୱିତୀୟ ଓ ୪୭ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ଜଣାଯାଇଛି।

## ନାଲ୍‌କୋକୁ ହରାଇଲା ଝାରସୁଗୁଡ଼ା

ଅନୁଗୋଳ ଅଫିସ, ୮।୮

ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ମ୍ୟାଚ୍ ନାଲକୋ ଜୁନିୟର ଏବଂ ଝାରସୁଗୁଡା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଝାରଦମ୍ଦାର ଖେଳ ପ୍ରଦର୍ଶନ କରି ୩ – ୧ ଗୋଲରେ ନାଲକୋ ଜୁନିୟରକୁ ହରାଇ ଦେଇଥିଲା। ଦିଲୀପ ରାଉତ ମ୍ୟାଚ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ପାଲ ଏବଂ ଶ୍ରୀମୁଖ ଗଡନାୟକ ସହାୟତା କରିଥିଲେ। ଅନୁଗୋଳ କ୍ରିକେଟ ଆସୋସିଏଶନର ସମ୍ପାଦକ ସାଗର ନାଥ ମିଶ୍ର, ଶାରୀରିକ କ୍ରୀଡା ନିରୀକ୍ଷକ ପ୍ରଶାନ୍ତ ସିହ୍ନା, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ଓ କ୍ରୀଡା ଶିକ୍ଷକ ବିନୋଦ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡାର ରାକେଶ ଓରାମ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

## ଟ୍ରକ ସହ ଲୁହା ଛଡ଼ ଚୋରି

ଅନୁଗୋଳ ଅଫିସ, ୮।୮

ଅନୁଗୋଳ ସଦର ଥାନା ପଞ୍ଚମହଲାରୁ ଏକ ଟ୍ରକ୍ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ସଦର ଥାନାରେ ଗାଡ଼ି ମାଲିକ ସନ୍ତୋଷ ଶର୍ମା ଅଭିଯୋଗ କରିବା ପରେ ପୋଲିସ ନଂ. ୫୯୮/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଚୌଦ୍ୱାର ଅଞ୍ଚଳରୁ ଟ୍ରକ୍ ଠାବ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପଞ୍ଚମହଲାରୁ ଏକ ଟ୍ରାନ୍ସପୋର୍ଟରୁ ଲୁହାଛଡ଼ ନେଇ ଟ୍ରକ୍‌ଟି ସମ୍ବଲପୁର ଅଭିମୁଖେ ଯିବା କଥା। କିନ୍ତୁ ଗନ୍ତବ୍ୟସ୍ଥଳରେ ଟ୍ରକ୍‌ଟି ନ ପହଞ୍ଚିବାରୁ ସନ୍ତୋଷ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପୋଲିସ ଘଟଣାର ତଦନ୍ତ କରି ଟ୍ରକ୍‌କୁ ଠାବ କରିଥିବାବେଳେ ଲୁହା ଛଡ଼କି ଟ୍ରକ ଡ୍ରାଇଭରରକୁ ଠାବ କରିପାରି ନ ଥିଲେ। ଏହି ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କହିଛନ୍ତି।

# ୧୪ ଦିନରେ ଓକିଲ ସଂଘର ଧାରଣା

ଛେଣ୍ଡିପଦା,୮।୮ (ସ୍ୱ.ପ୍ର.)


ବୈଠକକୁ ଯିବାକୁ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ବୁଝାଯାଉଛି।

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ ୪ ଦଫା ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ସୋମବାର ୧୪ ଦିନରେ ପହଞ୍ଚିଛି। ଏ ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରିପାରି ନାହିଁ। ଓକିଲଙ୍କ ଦାବିକୁ ସମାଧାନ କରିବା ସହ ଧାରଣାକୁ ପ୍ରତ୍ୟାହାର କରିବା ପାଇଁ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ ପ୍ରମୁଖ ଜିଲା ପ୍ରଶାସନର ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଥିଲେ। ଅଭିଯୋଗ ଶୁଣାଣି ପରେ ଛେଣ୍ଡିପଦା ସଭାଗୃହ ଠାରେ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ରାଜସ୍ୱ ବିଭାଗର ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରଧାନ, ଉପଜିଲାପାଳ ବଇତୁରା ଦୀପ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଲଳିତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଓକିଲ ସଂଘର କର୍ମକର୍ତ୍ତାମାନଙ୍କୁ ବୈଠକକୁ ଆମନ୍ତ୍ରଣ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ ଓ ଥାନା ଅଧିକାରୀ ଧୀରେନ କୁମାର ବେହେରା ଧାରଣାସ୍ଥଳକୁ ଯାଇ ଅନୁରୋଧ କରିଥିଲେ ମଧ ଧାରଣାରତ ଓକିଲମାନେ ବୈଠକକୁ ଯିବାକୁ ମନା କରି ଦେଇଥିଲେ। ଫଳରେ ଆଲୋଚନାରୁ ସମାଧାନର ସୂତ୍ର ବାହାରିପାରି ନ ଥିବା ଜଣାପଡ଼ିଛି।

# ପାନୀୟ ଜଳ ଯୋଗାଣ ଦାବି

ଛେଣ୍ଡିପଦା,୮।୮(ସ୍ୱ.ପ୍ର)


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ହରିଜନ ସାହିର ବାସିନ୍ଦା।

ଛେଣ୍ଡିପଦା ବ୍ଲକ ପାଟକମୁଣ୍ଡା ଗ୍ରାମ ହରିଜନ ସାହିରେ ପାନୀୟ ଜଳ ସମସ୍ୟାକୁ ନେଇ ସୋମବାର ଗ୍ରାମର ଶତାଧିକ ମହିଳାପୁରୁଷ ବ୍ଲକକୁ ଆସି ଅଭିଯୋଗ ଶୁଣାଣି ଶିବିରରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ପାଟକମୁଣ୍ଡା ଗ୍ରାମ ହରିଜନ ସାହିରେ ପ୍ରାୟ ୨୦୦ ପରିବାର ବାସ କରୁଛନ୍ତି। ସେମାନେ ୪ବର୍ଷ ହେବ ବସୁଧା ଯୋଜନାରେ ଦିଆଯାଉଥିବା ପିଇବା ପାଣି ବ୍ୟବହାର କରି ଆସୁଥିଲେ। ଗତ ୧ ବର୍ଷ ହେବ ବୋରୱେଲର ଜଳସ୍ତର କମିଯିବାରୁ ହରିଜନ ସାହି ବସ୍ତିକୁ ପିଇବା ପାଣି ଠିକ୍ ଭାବେ ପହଞ୍ଚି ପାରୁନାହିଁ। ଫଳରେ ସାହିର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଥିବାରୁ ସାହିର ଶତାଧିକ ମହିଳା ଓ ପୁରୁଷ ଛେଣ୍ଡିପଦା ବ୍ଲକରେ ପହଞ୍ଚି ପିଇବା ପାଣିର ସମସ୍ୟା ସମାଧାନ କରିବା ପାଇଁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ୧୦ ଦିନ ଭିତରେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପାଟକମୁଣ୍ଡା ହରିଜନ ସାହିର ଶତାଧିକ ପୁରୁଷ ଓ ମହିଳା ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଶ୍ରାବଣ ମାସର ଶେଷ ସୋମବାର ଅବସରରେ ପରଜଙ୍ଗ ବ୍ଲକ କୁଆଲୁ ପଞ୍ଚାୟତରେ ଥିବା ପୁରାତନ ଶୈବପୀଠ ଅଷ୍ଟଶମ୍ଭୁ ମନ୍ଦିରରେ କାଉଡ଼ିଆମାନଙ୍କ ଭିଡ଼ ।

# ୪୯ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ,୮।୮

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୦ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୪୯ଟିର ସମାଧାନ କରାଯାଇଥିଲା। ରେଡ୍‌କ୍ରସ୍ ସହାୟତା ପାଣ୍ଠି ପାଇଁ ୧୨ଜଣ ଆବେଦନ କରିଥିଲେ।

ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗ ଗୁଡିକର ଶୁଣାଣି କରି ଏହାର ସମାଧାନ କରିଥିଲେ। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.ଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଓଡାପଡା ବିଡିଓ ଦାଶରଥୀ ଜେନା, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର, ସହକାରୀ ଜିଲାପାଳ(ପିଜି ସେଲ) ସୌମ୍ୟା ଶତଭିଷା, ପିଜିସେଲ ଅଧିକାରୀ ଲଳିତ ମୋହନ ଚୌଧୁରୀ ଓ ଗୋପୀନାଥ ମହାଳିକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ସଂକ୍ଷେପରେ

### ତାଳଚେର ବିଧାୟକଙ୍କ ଆଦର୍ଶ ବିଦ୍ୟାଳୟ ଗସ୍ତ

କଣିହାଁ,୮।୮(ଡି.ଏନ.ଏ.): କଣିହାଁ ବ୍ଲକସ୍ଥିତ ଝରାବେରଣୀ ଗ୍ରାମସ୍ଥିତ ଆଦର୍ଶ ବିଦ୍ୟାଳୟକୁ ସୋମବାର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ଗସ୍ତ କରିଥିଲେ। ତାଙ୍କ ସହିତ ଅନେକ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ ପରିବେଶ ସୁରକ୍ଷା ନିମନ୍ତେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ଲଗାଯିବାର କାର୍ଯ୍ୟକ୍ରମ ରହିଛି। ପରେ ବିଧାୟକ ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଗସ୍ତ କରିଥିଲେ। ସେଠାରେ ମଧ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକାର ଚାରା ଲାଗାଯିବ ବୋଲି ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ସୂଚନା ଦେଇଛନ୍ତି। ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରାକେଶ କୁମାର ପାଣି କହିଛନ୍ତି, ନୂତନ ଭାବେ ଗଢି ଉଠିଥିବା ଆଦର୍ଶ ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି। ଚାରା ରୋପଣ ସହିତ ସମସ୍ତ ଦିଗକୁ ନେତୃବୃନ୍ଦ ଧାନ ଦେଲେ ଶିକ୍ଷାର ପ୍ରଗତି ଦିଗରେ ସହାୟକ ହେବ।

# ଅର୍ପିତା ଶ୍ରେଷ୍ଠ, ସୌମ୍ୟା ରନର୍ସଅପ୍

ଢେଙ୍କାନାଳ ଅଫିସ,୮।୮

ଢେଙ୍କାନାଳର ସ୍ୱେଚ୍ଛାସେବୀ ସଙ୍ଗଠନ ଶ୍ରେୟା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲରେ ରବିବାର ସନ୍ଧ୍ୟାରେ ଅନୁଷ୍ଠାନର ୭ମ ବାର୍ଷିକ ଉତ୍ସବ ଓ ମୁଁ ଶ୍ରେୟା ଯୁବ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦିଲ୍ଲୀ ପବ୍ଲିକ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ଶ୍ରେଷ୍ଠ ପ୍ରତିଯୋଗୀ ଓ ସୌମ୍ୟାଶ୍ରୀ ପଟ୍ଟନାୟକ ରନର୍ସଅପ୍ ହୋଇଥିଲେ। ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ୩ ହଜାର ଓ ମୁକୁଟ, ଦ୍ୱିତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନ, ସଙ୍ଗୀତ, ବାଦ୍ୟନୃତ୍ୟ, ବକ୍ତୃତା ଓ ଶଙ୍ଖବାଦନ ପ୍ରତିଯୋଗିତାରେ ୧୦ରୁ ୨୦ ବର୍ଷର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ମରଣିକା ନନ୍ଦ, ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷ ପ୍ରକାଶଚନ୍ଦ୍ର କୁଅଁର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟିକ, ନାଟ୍ୟପ୍ରେମୀ, ଲେଖକ ଓ ଷ୍ଟେଟ ବ୍ୟାଙ୍କର ପୂର୍ବତନ ଅଧିକାରୀ ସ୍ୱର୍ଗତ ବସନ୍ତ ମିଶ୍ରଙ୍କ ସ୍ମୃତିରେ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ଅଭିନେତା ରାଜେନ୍ଦ୍ର କୁମାର ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲେଖକ ସ୍ୱର୍ଗତ ରାମଚନ୍ଦ୍ର ମହାନ୍ତିଙ୍କ ସ୍ମୃତିରେ ଗାଳ୍ପିକ ଚାରୁଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ପ୍ରତିଭା ଭାବେ ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରୀ ସୁପ୍ରା ସମୀକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ୯ମ ଶ୍ରେଣୀ ଛାତ୍ରୀ ଅନ୍ୟା ଅନ୍ୱେଷାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚେସ୍ ପ୍ରତିଯୋଗିତାରେ ଜିଲାର ତାନଭି ମିଶ୍ର ଓ ସାନ୍‌ଭି ମିଶ୍ର ରାଜ୍ୟସ୍ତର ପୁରସ୍କାର ପାଇଥିବାରୁ ସମ୍ମାନିତ କରାଯାଇଥିଲ। ଅନୁଷ୍ଠାନର ସଭାପତି ପ୍ରିୟଙ୍କା ରାଉତଙ୍କ ଉପସ୍ଥିତିରେ ସ୍ୱର୍ଣ୍ଣଲତା ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣା ବିବରଣୀ ପାଠ କରିଥିଲେ। ଶ୍ରେୟା ଚେସ୍ ଏକାଡେମୀ ନିର୍ଦ୍ଦେଶିକା ସାଗରିକା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ପାଣି ଓ ରାମେଶ୍ୱରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବନ୍ଦନା ପଣ୍ଡା, ସାଇ ଆହ୍ଲାଦିନ ପୃଷ୍ଟି, ଅପର୍ଣ୍ଣା ରଥ, ସୋନାଲିସା ରଥ, ଆଶୀର୍ବାଦ ଅନୁଷ୍ଠାନର ଅମ୍ବିକା ପ୍ରସାଦ ମିଶ୍ର, ରାଇଜ୍ ଅନୁଷ୍ଠାନର ସତ୍ୟରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରେୟା ଯୁବ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ମୁଁ ଶ୍ରେୟା ଯୁବ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା**

# ପ୍ରତିଯୋଗିତା ଦ୍ୱାରା ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୁଏ

ବଇଣ୍ଡା,୮।୮(ଡି.ଏନ.ଏ.)

ପ୍ରାଥମିକସ୍ତରରୁ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗିତାରୁ ବହୁ କିଛି ଶିକ୍ଷା ଲାଭ କରିଥାନ୍ତି। ପ୍ରତିଯୋଗିତା ମାଧ୍ୟମରେ ସେମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ସୋମବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିର ପରିସରରେ ଡମ୍ପସ କମ୍ପାନୀ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବଣ୍ଟନ ସମାରୋହରେ ମୁଖ୍ୟଅତିଥି ଭାବେ ଖବରଦାତା ପରିକ୍ଷିତ ସାହୁ, ଅନ୍ୟତମ ଅତିଥି ଭାବେ କମ୍ପାନୀ କର୍ମଚାରୀ ମାନସ ପଟ୍ଟନାୟକ, ମନୋଜ ମାଇତି, ଶାନ୍ତନୁ ଶତପଥୀ, ମଳୟ ରାଉତ, ଅଲେଖ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ପ୍ରତିଯୋଗିତାରେ ୧୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୩ଟି ପର୍ଯ୍ୟାୟରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଜୁନିୟର ବିଭାଗରେ ପ୍ରତୀକ ପ୍ରଧାନ ପ୍ରଥମ, ରିହାନ ସ୍ୱାଇଁ ଦ୍ୱିତୀୟ ଏବଂ ତନ୍ମୟୀ ପ୍ରଧାନ ତୃତୀୟ ବିବେଚିତ ହୋଇଥିଲେ। ସେହିପରି ସବ୍‌ଜୁନିୟର ଭାବେ ଅନନ୍ୟା ପ୍ରଧାନ ପ୍ରଥମ, ଖ୍ୟାତି ସମ୍ପନ୍ନା ଦ୍ୱିତୀୟ, ଦିବ୍ୟାଂଶୁ ସାହୁ ତୃତୀୟ ବିବେଚିତ ହୋଇଥିଲେ। ସେହିପରି ସିନିୟର ଭାବେ ସିଦେଶ ଅଗ୍ରୱାଲା ପ୍ରଥମ, ମଧୁସ୍ମିତା ସାହୁ ଦ୍ୱିତୀୟ, ଆଦିତ୍ୟ ରାଜ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିନିତା ପ୍ରଧାନ, ଗୋଲାପ ସ୍ୱାଇଁ, ସୁମତିରାଣୀ ପ୍ରଧାନଙ୍କ ସମେତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ଶିକ୍ଷାନୁଷ୍ଠାନ ପରିସରରେ ଚାରାରୋପଣ




ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ପରଜଙ୍ଗ,୮।୮(ଡି.ଏନ.ଏ.)

ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ପରଜଙ୍ଗ ବ୍ଲକ କନ୍ଦରସିଂହା ସରକାରୀ ଆଇଟିଆଇ, ପରଜଙ୍ଗ ମହାବିଦ୍ୟାଳୟ ଏବଂ ବାରିହାପୁର ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ଯୋଗଦେଇ ଚାରାରୋପଣ କରିବା ସହ ସ୍କୁଲ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା, ଜିଲାପରିଷଦ ଉପସଭାପତି ବିଳାସିନୀ ସେଠୀ, ୧ନଂ. ଜୋନ ଜିଲାପରିଷଦ ସଦସ୍ୟା ରୁନୁ ବର୍ମା, ୨ନଂ. ଜୋନ ସଦସ୍ୟ ନିରାକାର ପ୍ରଧାନ, ବିଜୁ ଜନତା ଦଳ ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ସୁବ୍ରତ ଦାସ, ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି ପ୍ରିୟଜିତ ସାମଲ, ସମବାୟ ସମିତି ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

କଣିହାଁ,୮।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରକୁ ଶନିବାର ବିଳମ୍ବିତ ରାତିରେ ଡେଇଁ ନିଖୋଜ ହୋଇଯାଇଥିବା ଢେଙ୍କାନାଳ ଜିଲା ବରିହାପୁରର ସରୋଜ ବିଶ୍ୱାଳ(୪୫)ଙ୍କ ମୃତଦେହ ସୋମବାର ଜବତ କରାଯାଇଛି। ଏ ନେଇ କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ ବେହେରା କହିଛନ୍ତି, ସୋମବାର ଉଦ୍ଧାର ପ୍ରକ୍ରିୟା ପାଇ କଣିହାଁ ତହସିଲଦାର ଓ ରେଙ୍ଗାଳି ଥାନା ଆଇଆଇସିଙ୍କୁ ଜଣାଇଥିଲି। ଅପରାହ୍ଣ ୩ଟାରେ ଯାଇଥିଲୁ। ସନ୍ଧ୍ୟା ୬ଟା ପରେ ମୃତଦେହ ଉଦ୍ଧାର ହୋଇଛି। ଥାନା ଆଇଆଇସି ଅନାମ ଲାକ୍ରା କହିଛନ୍ତି, ସରୋଜଙ୍କ ମୃତଦେହକୁ ଜବତ କରିବା ସହ ନଂ. ୪/୨୨ରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପାଲଲହଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ। କେଉଁ କାରଣରୁ ଜଳଭଣ୍ଡାରକୁ ଡେଇଁଲେ ସେ ନେଇ ତଦନ୍ତ ଚାଲିଛି।

# ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ବୋଲବମ ସେବା

ଢେଙ୍କାନାଳ ଅଫିସ,୮।୮

ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ତରଫରୁ ଗତ ୭ ତାରିଖ ରବିବାର ଢେଙ୍କାନାଳ ସହର ଉପକଣ୍ଠ ଭଗବାନପୁରଠାରେ ବୋଲବମ୍ ସେବା ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଏହି ସେବା ଚାଲୁ ରହିଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ କାଉଡିଆମାନଙ୍କ ପାଇଁ ସକାଳୁ ରାତିଯାଏ ଚା ଓ ଜଳଖିଆ ପ୍ରସ୍ତୁତ କରାଯାଇ ପରଷା ଯାଇଥିଲା। ଏଥିସହିତ ଗାଡ଼ି ମାଧ୍ୟମରେ ଚା ଓ ଜଳଖିଆ ନିଆଯାଇ ଭଗବାନପୁରଠାରୁ କପିଳାସ ପର୍ଯ୍ୟନ୍ତ ରାସ୍ତାରେ ରହିଥିବା କାଉଡିଆମାନଙ୍କୁ ପ୍ରଦାନ କରାଯାଇଥିଲା। କାଉଡିଆମାନଙ୍କ ବିଶ୍ରାମ ପାଇଁ ବ୍ୟବସ୍ଥା ସହ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ଯେତେବେଳେ ସମସ୍ତ ଇନ୍ଦ୍ରିୟଙ୍କୁ ଖୋରାକି ତଥା ଶାନ୍ତି ମିଳେ ସେତେବେଳେ ହିଁ ଆମେ ଭକ୍ତି ତଥା ଈଶ୍ୱର ପ୍ରାପ୍ତିର ସାଧନ କରିପାରିବା ବୋଲି ସାଇ ବାବାଙ୍କ ଦିବ୍ୟ ସନ୍ଦେଶ ଅନୁଯାୟୀ ଏହି ସେବା ଯୋଗାଇ ଦିଆଯାଇଥିବା ଟ୍ରଷ୍ଟ ଅଧକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ। ଟ୍ରଷ୍ଟ କୋଷାଧକ୍ଷ ଅମରେନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଟ୍ରଷ୍ଟ ପକ୍ଷରୁ କାଉଡ଼ିଆମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି।

# କାଉଡ଼ିଆଙ୍କ ପ୍ରସାଦସେବନ କାର୍ଯ୍ୟକ୍ରମ

ରାସୋଳ,୮।୮(ଡି.ଏନ.ଏ.)

ହିନ୍ଦୋଳ ଉପଖଣ୍ଡ କୁନୁଆଁ ପଞ୍ଚାୟତ ପୁରୁଣାକଟକ-ସମ୍ବଲପୁର ରାସ୍ତା କଡ଼ରେ ଥିବା ମା' ସୁକିଆବାଉତୀଙ୍କ ମନ୍ଦିର ପରିସରରେ କାଉଡ଼ିଆଙ୍କ ପାଇଁ ଶ୍ରୀ ଶ୍ରୀ ଗତଶ୍ୱର ମହାଦେବ ଯୁବକ ସଂଘ ତରଫରୁ ମାଗଣା ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ବ୍ଲକ ଉପାଧକ୍ଷ ବରୁଣ କୁମାର ସର, ରାସୋଳ ସରପଞ୍ଚ ଦିବାକର ନାଏକ, କୁନୁଆଁ ସରପଞ୍ଚ ନିରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଶତାଧିକ ଭକ୍ତ ପ୍ରସାଦସେବନ କରିଥିଲେ।



ପ୍ରସାଦ ସେବନ ପାଇଁ ବସିଥିବା ଭକ୍ତମାନେ।

# ମନ୍ଦିର ପରିସରରୁ ବାହାରିଲା ନାଗସାପ

ଢେଙ୍କାନାଳ ଅଫିସ,୮।୮

ଢେଙ୍କାନାଳ ଜିଲା ତଥା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରାବଣ ମାସର ଶେଷ ସୋମବାରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିବା ଦେଖାଯାଇଥିଲା।

ରବିବାର ସକାଳୁ ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ଘାଟରୁ ପାଣିନେଇ ଶ୍ରଦ୍ଧାଳୁମାନେ କପିଳାସ ପୀଠ ଅଭିମୁଖେ ଯାଇଥିଲେ। ସୋମବାର ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଠାରେ ଜଳଲାଗି କରିବା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଲାଗିଥିଲା। ଭିଡ ସମୟରେ ମନ୍ଦିର ମଧ୍ୟରେ ଏକ ସାଢେ ୩ଫୁଟ ଲମ୍ବର ନାଗସାପ ବାହାରିଥିଲା। କାଉଡିଆ ଶ୍ରଦ୍ଧାଳୁ ଓ ସେବାୟତମାନେ ଏହା ଦେଖିବା ପରେ ସାପ ଉଦ୍ଧାରକାରୀ ଦଳଙ୍କୁ ଖବର ଦେଇଥିଲେ। ଖବରପାଇ ସାପ ଉଦ୍ଧାରକାରୀ ଦଳ ସଦସ୍ୟ ସୌମ୍ୟଜିତ ରଥଙ୍କ ନେତୃତ୍ୱରେ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ନାଗ ସାପଟିକୁ ଉଦ୍ଧାର କରି କପିଳାସ ରେଞ୍ଜରଙ୍କ ପରାମର୍ଶ କ୍ରମେ କପିଳାସ ଅଭୟାରଣ୍ୟ ମଧ୍ୟରେ ସୁରକ୍ଷିତ ଭାବେ ଛାଡି ଦେଇଥିଲେ। ସେହିପରି ଶ୍ରାବଣର ଶେଷ ସୋମବାର ହୋଇଥିବାରୁ ଜିଲା ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ହରହର ମହାଦେବ ଧ୍ୱନିରେ କପିଳାସ ପୀଠ କମ୍ପି ଉଠିଥିଲା। ପୀଠରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡିଛି।



କପିଳାସ ମନ୍ଦିର ପରିସରରୁ ସାପକୁ ଉଦ୍ଧାର କରାଯାଉଛି।

## କପିଳାସ ପୀଠରେ କାଉଡିଆଙ୍କ ଭିଡ଼

